NATIONAL NEWS BULLETIN (ODIA)

08th November' 2026

Morning Bulletin : 7.15 a.m.

****

ମୁଖ୍ୟ ସମ୍ବାଦ

- ଦେଶର ସୁରକ୍ଷାବଳ ଯବାନମାନଙ୍କ ସହ ଦୀପାବଳି ପାଳନ କରିବେ ପ୍ରଧାନମନ୍ତ୍ରୀ ।

— ଆଲୋକର ପର୍ବ ଦୀପାବଳି ଅବସରରେ ଦେଶ ଓ ବିଦେଶର ଭାରତୀୟଙ୍କୁ ଶୁଭେଚ୍ଛା ଜଣାଇ ଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

— ଭାରତ-ଚୀନ ସୀମାରେ ମୁତୟନ ଯବାନମାନଙ୍କ ସହ ଦୀପାବଳି ପର୍ବ ପାଳନ କରିବେ ପ୍ରତିରକ୍ଷା ମନ୍ତ୍ରୀ ।

- ଦେଶବ୍ୟାପୀ ଚଢ଼ାଉ କରି ୩ ହଜାର ୨୮୦ ଟନ୍‌ରୁ ଅଧିକ ନିମ୍ନମାନର ଓ ପ୍ରତିବନ୍ଧିତ ଖାଦ୍ୟପଦାର୍ଥ ଜବତ କଲା ଭାରତୀୟ ଖାଦ୍ୟ ସୁରକ୍ଷା ପ୍ରାଧିକରଣ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆସନ୍ତା ୧୩ ତାରିଖରେ ଆରମ୍ଭ ହେବ ୪୫ତମ ଭାରତ-ଆନ୍ତର୍ଜାତିକ ବାଣିଜ୍ୟ ମେଳା ।

- କେନ୍ଦ୍ରୀୟ ଜାପାନରେ ୫ ଦଶମିକ ୭ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ।

ଏବଂ

- କଲମ୍ବିଆର ଉତ୍ତରାଞ୍ଚଳରେ ଡ୍ରୋନ ଆକ୍ରମଣରେ ୩ ଯବାନ ମୃତ; ୧୬ ଆହତ ।

ଦିୱାଲି ପ୍ରେଜ ପିଏମ୍.

ଆଲୋକର ପର୍ବ ଦୀପାବଳି ଦେଶ ଏବଂ ବିଦେଶରେ ଆସନ୍ଦ ଉଲ୍ଲାସର ସହ ଆଜି ପାଳନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଓ ବିଦେଶରେ ରହୁଥିବା ଭାରତୀୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ସୁରକ୍ଷାବଳ ଯବାନମାନଙ୍କ ସହ ଦୀପାବଳି ପାଳନ କରିବେ । ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ବାର୍ତ୍ତା ଜାରି କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦୀପାବଳି ପର୍ବ ହେଉଛି ଅନ୍ଧକାର ଉପରେ ବିଜୟ ଲାଭ କରିବାର ପ୍ରତୀକ । ଶ୍ରୀ ମୋଦି ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

Voice (PM - Diwali) :.....

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଦୀପାବଳି ଶୁଭେଚ୍ଛା ଜଣାଇ କହିଛନ୍ତି, ଏହି ପର୍ବ ହେଉଛି ଅଶୁଭ ଉପରେ ଶୁଭର ବିଜୟର ପ୍ରତୀକ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ' ନାଗରିକମାନଙ୍କୁ ଏହି ପର୍ବ ଅବସରରେ ପରିବେଶ ସୁରକ୍ଷା, ଭ୍ରାତୃତ୍ୱ ଭାବ ନୀତି ଏବଂ ବିକଶିତ ଭାରତ ନିର୍ମାଣରେ ଯୋଗଦାନ ଲାଗି ଆହ୍ୱାନ ଦେଇଛନ୍ତି ।

ରାଜନାଥ - ସିକ୍କିମ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ସିକ୍କିମ୍ ଗସ୍ତ କରି ଭାରତ-ଚୀନ ସୀମାରେଖାରେ ମୁତୟନ ଯବାନମାନଙ୍କ ସହ ଦୀପାବଳି ପର୍ବ ପାଳନ କରିବେ । ମନ୍ତ୍ରୀ ଶ୍ରୀ ସିଂହ ନାଥୁଲାସ୍ଥିତ ଶେରଥାଙ୍ଗ ଯୁଦ୍ଧସ୍ମାରକୀ ପରିଦର୍ଶନ କରିବା ସହ ସହିଦ୍ ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ପରିଦର୍ଶନ ସମୟରେ ସୀମାରେ ମୁତୟନ ଯବାନମାନଙ୍କ ସହ ମନ୍ତ୍ରୀ ଶ୍ରୀ ସିଂହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଶେରଥାଙ୍ଗ୍ ଯୁଦ୍ଧସ୍ମାରକୀ ସୁମୁଦ୍ର ପତନଠାରୁ ୧୩ ହଜାର ଫୁଟ୍ ଉଚ୍ଚରେ ନାଥୁଲା ପାସ୍ ନିକଟରେ ଅବସ୍ଥିତ । ୧୯୬୭ ମସିହାରେ ଚୀନ ସେନା ସହ ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଭାରତୀୟ ସେନା ଯବାନଙ୍କ ସ୍ମୃତିରେ ଏହି ସ୍ମାରକୀ ନିର୍ମାଣ କରାଯାଇଛି ।

ଏଫ୍.ଏସ୍.ଏସ୍.ଏ.ଆଇ. - ରେଡ୍ସ

ଭାରତୀୟ ଖାଦ୍ୟ ସୁରକ୍ଷା ପ୍ରାଧିକରଣ ଦେଶବ୍ୟାପୀ ଚଢ଼ାଉ କରି ୩ ହଜାର ୨୮୦ ଟନ୍‌ରୁ ଅଧିକ ନିମ୍ନମାନର ଏବଂ ପ୍ରତିବନ୍ଧିତ ଖାଦ୍ୟପଦାର୍ଥ ଜବତ କରିଛି । ଏହିସବୁ ସାମଗ୍ରୀ ମଧ୍ୟରେ ପନିର୍, ଘିଅ, କ୍ଷୀର ଏବଂ ମିଠାଜାତୀୟ ଦ୍ରବ୍ୟ ରହିଛି । ଏହାର ମୂଲ୍ୟ ପ୍ରାୟ ୮୨ କୋଟି ଟଙ୍କାର ଅଧିକ ହେବ ବୋଲି ପ୍ରାଧିକରଣ ପକ୍ଷରୁ କୁହାଯାଇଛି । ଗତ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୫୬ ହଜାର ୪ ଶହରୁ ଅଧିକ ଦୋକାନ ଉପରେ ଚଢ଼ାଉ କରାଯାଇଛି । ନିୟମ ଉଲ୍ଲଙ୍ଘନ କରିବା ଅଭିଯୋଗରେ ୫୨ଟି ଲାଇସେନ୍ସ ରଦ୍ଦ କରାଯାଇଥିବାବେଳେ ୧୧ ଶହରୁ ଅଧିକ ଲାଇସେନ୍ସ ନିଲମ୍ବନ କରାଯାଇଛି । ଅଭିଯାନ କାଳରେ ଦେଶବ୍ୟାପୀ ୩ ଶହରୁ ଅଧିକ ଦୋକାନକରୁ ସିଲ୍ କରାଯାଇଥିବାବେଳେ ବ୍ୟବସାୟୀମାନଙ୍କୁ ୧୦ ହଜାରରୁ ଅଧିକ ନୋଟିସ୍ ଜାରି କରାଯାଇଛି ।

ଆଇ.ଆଇ.ଟି.ଏଫ୍.

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଚଳିତ ମାସ ୧୩ ତାରିଖରେ ୪୫ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟନ ହେବ। ଏହି

ମେଳା ୧୪ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମେଳାର ବିଷୟବସ୍ତୁ ରହିଛି ‘ବିକାଶ ଔର ବିରାସତ’।

ଏହି ସଂସ୍କରଣରେ ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଓ ଉତ୍ତରପ୍ରଦେଶ ସହଯୋଗୀ ରାଜ୍ୟ ଭାବେ ଯୋଗଦେଉଥିବା ବେଳେ ଆସାମ, ଦିଲ୍ଲୀ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଫୋକସ୍ ରାଜ୍ୟ ଭାବେ ଚୟନ କରାଯାଇଛି। ଏହି ୧୪ ଦିନିଆ ମେଳାରେ ଦେଶର ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶଗ୍ରହଣ କରିବେ। ଏଥିସହ ୫୫ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ, ସରକାରୀ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ବ୍ୟାଙ୍କ ମଧ୍ୟ ଭାଗ ନେବେ।

ଅନ୍ତର୍ଜାତୀୟ ସ୍ତରରେ ଥାଇଲାଣ୍ଡ, ଇରାନ, ଘାନା, ନେପାଳ, ଆଫଗାନିସ୍ତାନ, ସଂଯୁକ୍ତ ଆରବ ଏମିରେଟ୍ସ, ତୁର୍କି, ଚୀନ୍, ଶ୍ରୀଲଙ୍କା, ବାଂଲାଦେଶ ଓ ଟୁନିସିଆ ସମେତ ୧୨ଟି ଦେଶ ନିଜସ୍ୱ ପାଭିଲିୟନ୍ ସ୍ଥାପନ କରିବେ। ଭାରତ ଓ ବିଦେଶରୁ ୩ ହଜାର ୫୦୦ରୁ ଅଧିକ ପ୍ରଦର୍ଶକ ନିଜର ଉତ୍ପାଦ ଓ ସେବା ପ୍ରଦର୍ଶନ କରିବେ।

ମେଳାର ପ୍ରଥମ ପାଞ୍ଚଦିନ କେବଳ ବ୍ୟବସାୟିକ ପ୍ରତିନିଧିଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଚଳିତ ମାସ ୧୯ ତାରିଖରୁ ସାଧାରଣ ଜନତାଙ୍କ ପାଇଁ ମେଳା ଖୋଲାଯିବ। ବ୍ୟବସାୟିକ ଦିବସଗୁଡ଼ିକରେ ପ୍ରବେଶ ଟିକଟ ମୂଲ୍ୟ ୫୦୦ ଟଙ୍କା ରଖାଯାଇଛି। ସାଧାରଣ ଦିନଗୁଡ଼ିକରେ ବୟସ୍କଙ୍କ ପାଇଁ ୧୦୦ ଟଙ୍କା ଓ ଶିଶୁଙ୍କ ପାଇଁ ୫୦ ଟଙ୍କା ଟିକଟ ମୂଲ୍ୟ ଧାର୍ଯ୍ୟ ହୋଇଛି। ସପ୍ତାହାନ୍ତ ଓ ସରକାରୀ ଛୁଟିଦିନରେ ବୟସ୍କଙ୍କ ପାଇଁ ୨୦୦ ଟଙ୍କା ଏବଂ ଶିଶୁଙ୍କ ପାଇଁ

୧୦୦ ଟଙ୍କା ଟିକଟ ରହିଛି। ତେବେ ସାଧାରଣ ଦିନଗୁଡ଼ିକରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ପ୍ରବେଶ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିବ।

ଜାପାନ ଆର୍ଥକ୍ୱାକ୍

କେନ୍ଦ୍ରୀୟ ଜାପାନ୍‌ରେ ଆଜି ସକାଳେ ୫ ଦଶମିକ ୭ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି । ଫଳରେ ଲୋକମାନେ ଜୀବନ ରକ୍ଷା ଲାଗି ବାହାରକୁ ପଳାଇ ଆସିଥିଲେ । ସର୍ବଶେଷ ସମ୍ବାଦ ଅନୁଯାୟୀ ଏହି ଭୂକମ୍ପରେ ୨୨ ଜଣ ଆହତ ହୋଇଛନ୍ତି । ଆମେରିକୀୟ ଭୂବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଭୂକମ୍ପର ତୀବ୍ରତା ୫ ଦଶମିକ ୫ ରହିଥିଲା । ଏହାର କେନ୍ଦ୍ରସ୍ଥଳ ଶିଜୁଓକା ସୀମାରେ ୪୦ କିଲୋମିଟର ଗଭୀରରେ ରହିଥିଲା । ଭୂକମ୍ପର ଝଟକା ମଧ୍ୟ ଜାପାନର ଅନ୍ୟ କେତେକ ଅଞ୍ଚଳରେ ଅନୁଭୂତ ହୋଇଥିବା ସୂଚନା ମିଳିଛି ।

ଏମ୍.ଇ.ଏ. - ଫ୍ୟାକ୍ଟ ଚେକ୍

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମରେ ଭାରତୀୟ ଦୂତାବାସ ପକ୍ଷରୁ ଆମେରିକାରେ ଲବି ଫାର୍ମ ନିଯୁକ୍ତ ନେଇ ପ୍ରସାରିତ ହେଉଥିବା ସମ୍ବାଦକୁ ଖଣ୍ଡନ କରିଛି । ମନ୍ତ୍ରଣାଳୟ ସ୍ପଷ୍ଟ କରିଛି,

ଆମେରିକାରେ ଦୂତାବାସଦ୍ୱାରା ଲବି ଫାର୍ମର ସେବା ଗ୍ରହଣ କରିବା ଏକ ସାଧାରଣ କଥା । ଭାରତୀୟ ଦୂତାବାସ ୧୯୪୮ ମସିହାଠାରୁ ଏଭଳି ସେବାର ସହାୟତା ନେଇ ଆସୁଛି ଏବଂ ଏ ସମ୍ପର୍କରେ ସମସ୍ତେ ଅବଗତ ଅଛନ୍ତି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ମର୍କୁରୀ ପବ୍ଲିକ୍ ଆଫେୟାର୍ସ ଦ୍ୱାରା କରାଯାଇଥିବା ପୋଷ୍ଟକୁ ମନ୍ତ୍ରଣାଳୟ ଆଉଥରେ ପୋଷ୍ଟ କରିଛି ।

କଲମ୍ବିଆ - ଡ୍ରୋନ୍ ଆଟାକ୍

କଲମ୍ବିଆର ଉତ୍ତରାଞ୍ଚଳରେ ଏକ ସାମରିକ ଘାଟି ଉପରେ ଡ୍ରୋନ୍ ଆକ୍ରମଣରେ ତିନି ଜଣ ସୈନିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟୁନ ୧୬ ଜଣ ଆହତ ହୋଇଛନ୍ତି। ସାଣ୍ଟା ରୋସା ଡେଲ୍ ସୁର୍ ଅଞ୍ଚଳରେ ଏହି ଆକ୍ରମଣ ଘଟିଛି। ଏହି ଅଞ୍ଚଳକୁ ନେଇ ଗଲ୍ଫ କ୍ଲାନ୍ ଏବଂ ନ୍ୟାସନାଲ୍ ଲିବରେସନ୍ ଆର୍ମି ସମେତ ବିଭିନ୍ନ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ତେବେ ଏହି ଆକ୍ରମଣ ପଛରେ କେଉଁମାନେ ଅଛନ୍ତି, ସେନେଇ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି।

ଆକ୍ରମଣକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଆବେଲାର୍ଡୋ ଦେ ଲା ଏସ୍ପ୍ରିଏଲା ଚେତାବନୀ ଦେଇଛନ୍ତି। ଦେଶରେ ହିଂସା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ସରକାର ସାମରିକ ଅଭିଯାନକୁ ଅଧିକ

କଠୋର କରିବା ସହ ବିଦ୍ରୋହୀ ଗୋଷ୍ଠୀଗୁଡ଼ିକ ସହ ଚାଲିଥିବା ଶାନ୍ତି ଆଲୋଚନା ବାତିଲ କରିଛନ୍ତି।

ଏସିଏଲଇଡିର ତଥ୍ୟ ଅନୁଯାୟୀ, ଅକ୍ଟୋବର ୧୬ରେ ଶେଷ ହୋଇଥିବା ଚାରି ସପ୍ତାହ ମଧ୍ୟରେ କଲମ୍ବିଆରେ ୩୪ଟି ବୋମା ଓ ବିସ୍ଫୋରକ ଆକ୍ରମଣ ଘଟଣା ରେକର୍ଡ କରାଯାଇଛି। ଗତବର୍ଷର ସମାନ ସମୟ ତୁଳନାରେ ଏହା ୯ ପ୍ରତିଶତ ଅଧିକ।

ୟୁ.ଏସ୍. - ଆଟାକ୍ ଭେସେଲ୍

ଓମାନ ଉପସାଗରରେ ନୌସେନା ଅବରୋଧ ଉଲ୍ଲଂଘନ ଉଦ୍ୟମ କରିବାରୁ ଏକ ବାଣିଜ୍ୟିକ ଜାହାଜ ଉପରେ ଗୁଳିମାଡ଼ କରିଥିବା ଆମେରିକା ସେନା ପକ୍ଷରୁ କୁହାଯାଇଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଅନୁଯାୟୀ, ବାରମ୍ବାର ସତର୍କ କରାଯିବା ସତ୍ତ୍ୱେ ଜାହାଜଟି ନିର୍ଦ୍ଦେଶ ଅବମାନନା କରିଥିଲା। ଇରାନର ଏକ ବନ୍ଦର ପରିଦର୍ଶନ ପରେ ଏହା ଅଞ୍ଚଳ ଛାଡ଼ିବାକୁ ଉଦ୍ୟମ କରୁଥିଲା। ଫଳରେ ସେଣ୍ଟ କିଟ୍ସ ପତାକା ବହନ କରୁଥିବା ଏହି ଜାହାଜକୁ ଆମେରିକା ସେନା ଅଟକାଇ ଦେଇଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକା ଇରାନ ବିରୋଧରେ ନୌସେନା ଅବରୋଧ ଜାରି ରଖିଛି।

ଅନ୍ୟପକ୍ଷରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକୀୟ ସେନା ଇରାନର ଏକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଲକ୍ଷ୍ୟ କରି ସାମରିକ ଆକ୍ରମଣ କରିଛି। ଏହାକୁ ସେ ଏକ ସାମାନ୍ୟ କାର୍ଯ୍ୟାନୁଷ୍ଠାନ ବୋଲି ବର୍ଣ୍ଣନା କରିଛନ୍ତି।

ଏହି ଅଞ୍ଚଳରେ ଉତ୍ତେଜନା ଜାରି ରହିଥିବା ବେଳେ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପରେ ଇରାନ ବିରୋଧରେ ଆହୁରି ସାମରିକ ଆକ୍ରମଣ କରିବା ନେଇ ଟ୍ରମ୍ପ ବିଚାର କରୁଥିବା ଜଣାପଡ଼ିଛି।

ଏସ୍.ବି.ଆଇ. ବ୍ରାଞ୍ଚ୍ ଟେକ୍ସାସ୍

ଆମେରିକାରେ ଭାରତୀୟ ବ୍ୟାଙ୍କ୍‌ର ଉପସ୍ଥିତି ଏବଂ ଉପଭୋକ୍ତାମାନଙ୍କ ଲାଗି ଆର୍ଥିକ ସେବା ବିସ୍ତାର କରିବା ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଟେକ୍ସାସ୍‌ରେ ନୂଆ ଶାଖା ଆରମ୍ଭ କରିଛି । ଏସ୍.ବି.ଆଇ. ଗ୍ରୁପ୍‌ର ଅଧ୍ୟକ୍ଷ ଚଲ୍ଲା ଶ୍ରୀନିବାସୁଲୁ ଶେଟ୍ଟୀ’ ସେକ୍ସାସ୍ ନୂଆଶାଖାର ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ହଷ୍ଟନ୍‌ସ୍ଥିତ ଭାରତୀୟ କନ୍‌ସୁଲ୍ ଜେନେରାଲ୍ ଡି.ସି. ମଞ୍ଜୁନାଥ ଉପସ୍ଥିତ ଥିଲେ । ଟେକ୍ସାସ୍‌ରେ ନୂଆ ଶାଖା ଖୋଲିବା ସହିତ କାଲିଫର୍ଣ୍ଣିଆକୁ ମିଶାଇ ଆମେରିକାରେ ମୋଟ୍ ସଂଖ୍ୟା ୮ ହୋଇଛି । ଏସ୍.ବି.ଆଇ.ର ଅନ୍ୟ

ଶାଖାଗୁଡ଼ିକ ସିକାଗୋ, ଲସ୍ ଆଞ୍ଜେଲସ୍ ଓ ୱାଶିଂଟନ୍ ଡି.ସି.ରେ କାର୍ଯ୍ୟ କରୁଛି ।

ଝାଡ଼ଖଣ୍ଡ - ଏନ୍.ସି.ଡବ୍ଲ୍ୟୁ.

ଝାଡ଼ଖଣ୍ଡର ରାଞ୍ଚିରେ ଆଦିବାସୀ ସାମାଜିକ କର୍ମୀ ନିଶା ଭଗତ୍ଙ୍କ ମୃତ୍ୟୁ ମାମଲାକୁ ଜାତୀୟ ମହିଳା ଆୟୋଗ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ଅନୁଯାୟୀ ନିଶା ଭଗତ୍ ଫେସ୍‌ବୁକ୍ ଲାଇଭ୍ ଜରିଆରେ ଅନ୍‌ଲାଇନ ଉତ୍ପୀଡ଼ନ ଏବଂ ପୋଲିସ ପ୍ରଶାସନ ସହ ଜଡ଼ିତ ଉତ୍ପୀଡ଼ନ ବିଷୟରେ କହିଥିଲେ । ମହିଳା ଆୟୋଗ ଅଧ୍ୟକ୍ଷ ବିଜୟା ରାହତ୍କର ଏହି ମାମଲାର ନିରପେକ୍ଷ ତଦନ୍ତ ଏବଂ ପୁଲିସର ଭୂମିକା ସମୀକ୍ଷା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗ ପୀଡ଼ିତାଙ୍କ ପରିବାରକୁ ସହାୟତା ଦେବା ସହ ଆସନ୍ତା ୭ ଦିନ ମଧ୍ୟରେ ତଦନ୍ତ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ବେଙ୍ଗଲ୍ - ଇସ୍କନ୍

ପଶ୍ଚିମବଙ୍ଗର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ରାଜ୍ୟର ବିଦ୍ୟାଳୟ ଶିକ୍ଷା ବିଭାଗ ଇସ୍କନ୍‌କୁ ଅନୁମତି ଦେଇଛି । ଏ ନେଇ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଏହା ପୂର୍ବରୁ କେବଳ କୋଲକାତା ମହାନଗର ନିଗମ ଅଞ୍ଚଳରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଇସ୍କନ୍ ମଧ୍ୟାହ୍ନ ଭୋଜନ ଯୋଗାଇ ଆସୁଥିଲା।

ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ବିଦ୍ୟାଳୟକୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ବା ପିଏମ୍ ପୋଷଣ ଯୋଜନାର ପରିସରଭୁକ୍ତ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ, ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଗାଣ ଦାୟିତ୍ୱ ଇସ୍କନ୍‌କୁ ଦିଆଯାଇଛି।

ରାଜ୍ୟରେ ନୂଆ ବିଜେପି ସରକାର କ୍ଷମତାକୁ ଆସିବା ପରେ ମଧ୍ୟାହ୍ନ ଭୋଜନ ଯୋଗାଣ ପାଇଁ ନୂତନ ନିୟମ ପ୍ରଣୟନ କରାଯାଇଥିଲା। ବିଦ୍ୟାଳୟ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଇସ୍କନ୍‌କୁ ଏହି ଦାୟିତ୍ୱ ଦିଆଯାଇଥିଲା। ଗତ ଅଗଷ୍ଟ ମାସରୁ କୋଲକାତାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା।

ନାସା - ଆପ୍ଲିକେସନ୍ସ

ଚନ୍ଦ୍ରକୁ ଯାତ୍ରା କରିବା ସହ ସେଠାରେ ଏକ ସ୍ଥାୟୀ ମହାକାଶ ଘାଟି ନିର୍ମାଣରେ ସାମିଲ ହେବାକୁ ଚାହୁଁଥିବା ଲୋକଙ୍କ ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ସୁଯୋଗ ଆଣିଛି । ଏହାର ଆର୍ଟେମିସ୍ କାର୍ଯ୍ୟକ୍ରମକୁ ଆହୁରି ସମ୍ପ୍ରସାରିତ କରିବା ଲକ୍ଷ୍ୟରେ ନାସା ନୂତନ ମହାକାଶଚାରୀ ଦଳ ଗଠନ ପାଇଁ ଆବେଦନ ଆହ୍ୱାନ କରିଛି। କେନେଡି ମହାକାଶ କେନ୍ଦ୍ରରେ ଆୟୋଜିତ ଏକ ଏୟାର ଶୋ' ଅବସରରେ ଏନେଇ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ର ଅଭିଯାନ ସହ ବିମାନ ଚଳାଚଳ ଓ ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସୂଚନାଯୋଗ୍ୟ, ଦୁଇ ବର୍ଷ ପୂର୍ବେ ନାସା ଶେଷ ଥର ପାଇଁ ମହାକାଶଚାରୀ ନିଯୁକ୍ତି ନିମନ୍ତେ ଆବେଦନ ଆହ୍ୱାନ କରିଥିଲା। ସେତେବେଳେ ୮ ହଜାରରୁ ଅଧିକ ଆବେଦନ ମଧ୍ୟରୁ ୧୦ ଜଣଙ୍କୁ ୨୦୨୫ ସେପ୍ଟେମ୍ବରରେ ଚୟନ କରାଯାଇଥିଲା। ବର୍ତ୍ତମାନ ନାସାରେ ମାତ୍ର ୩୨ ଜଣ ସକ୍ରିୟ ମହାକାଶଚାରୀ ଥିବାରୁ ମହାକାଶ ଅଭିଯାନକୁ ଆହୁରି ବ୍ୟାପକ କରିବା ପାଇଁ ନୂତନ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି।

ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ଡିସେମ୍ବର ୩ ତାରିଖ ସୁଦ୍ଧା ଆବେଦନ କରିପାରିବେ। ୨୦୨୬ ମସିହା ଶେଷ ସୁଦ୍ଧା ଚୂଡ଼ାନ୍ତ ଚୟନ ପ୍ରକ୍ରିୟା ଶେଷ

ହେବା ସହ ୨୦୨୮ ମସିହା ଆରମ୍ଭରୁ ନବନିଯୁକ୍ତ ମହାକାଶଚାରୀମାନଙ୍କ ପ୍ରଶିକ୍ଷଣ ଆରମ୍ଭ ହେବ ବୋଲି ନାସା ଆଶା ରଖିଛି ।

*****